## ସଂକ୍ଷେପରେ

### ୨୧୦ ଲିଟର ମଦ ଜବତ, ୬ ଗିରଫ



ଢେଙ୍କାନାଳ ଅଫିସ, ୧୧।୫: ଢେଙ୍କାନାଳ ଜିଲାର ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୨୧୦ ଲିଟର ଚୋରା ଦେଶୀ ମଦ ଜବତ କରାଯାଇଛି। ଏହି ଘଟଣାରେ ୩ ମହିଳାଙ୍କ ସମେତ ମୋଟ୍ ୬ ଜଣ ଗିରଫ ହୋଇଛନ୍ତି। ସଦର ଥାନା ପଦ୍ମନାଭପୁର ଗ୍ରାମର ପ୍ରଦୀପ ସାହୁଙ୍କ ନିକଟରୁ ୧୦୦ ଲିଟର ଦେଶୀମଦ ଓ ଏକ ବାଇକ୍ ଜବତ ହୋଇଛି। ସେହିପରି ବେଲଟିକିରି ଅଞ୍ଚଳର ନିରୂପମା ଦଳେଇଙ୍କଠାରୁ ୨୦ ଲିଟର, ବନ୍ଦନୂଆଗାଁର ସୁଦଶା ନାଏକଙ୍କଠାରୁ ୨୦ ଲିଟର, ଜଲି ନାଏକଙ୍କଠାରୁ ୩୦ଲିଟର, ଶଙ୍ଖୁଆ ଗ୍ରାମର ପ୍ରସନ୍ନ ମଲ୍ଲିକଙ୍କଠାରୁ ୨୦ ଲିଟର, ବିଭୁ ମଲ୍ଲିକଙ୍କଠାରୁ ୨୦ ଲିଟର ଚୋରା ଦେଶୀ ମଦ ଜବତ କରାଯାଇଛି। ଜିଲାପାଳ ସରୋଜ ସେଠୀଙ୍କ ନିର୍ଦ୍ଦେଶରେ ଅବକାରୀ ଅଧୀକ୍ଷକ ପ୍ରଦୀପ କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ ଏହି ଚଢ଼ାଉ କରାଯାଇଥିଲା।

# ଯନ୍ତ୍ରଣା ଭୋଗୁଛି ଜୀବନଧାରା

■ବିଷାକ୍ତ ହେଉଛି ବ୍ରାହ୍ମଣୀ
■କମ୍ପାନୀ ଉପରେ ଲଗାମ ନାହିଁ
■ସଙ୍କଟରେ ଜୈବବିବିଧତା

**ଉନବିଂଶ ଶତାବ୍ଦୀର ସତୁରି ଦଶକୀ ଶିଳ୍ପାୟନ ସ୍ୱପ୍ନରେ ବିଭୋର ହେଲା ଢେଙ୍କାନାଳ । ଏହାଦ୍ୱାରା ଜିଲାକୁ ନୂଆ ପରିଚୟ ମିଳିଛି ସତ, ହେଲେ ଜୈବବିବିଧତା ଉପରେ ଏହାର ଯେଉଁ ସାଂଘାତିକ ପ୍ରଭାବ ପଡ଼ିଛି; ତାହା ସୃଷ୍ଟି କରିଛି ନୂଆ ସଙ୍କଟ । ବିଶେଷ କରି ଶିଳ୍ପ ପ୍ରତିଷ୍ଠାନରୁ ବାହାରୁଥିବା ଅନିୟନ୍ତ୍ରିତ ବର୍ଜ୍ୟଜଳରେ ଜୀବନଧାରା ବ୍ରାହ୍ମଣୀ ବିଷାକ୍ତ ହେବା କେବଳ ଜଳଚର ଜୀବଙ୍କ ଅସ୍ତିତ୍ୱକୁ ସଙ୍କଟରେ ପକାଇନାହିଁ, ଅଧିକନ୍ତୁ ନଈକୂଳିଆ ଗାଁ ଲୋକଙ୍କ ଚିନ୍ତା ବଢ଼ାଇଦେଇଛି।**

(ରତନ ନାୟାର)
ଢେଙ୍କାନାଳ ଅଫିସ, ୧୧।୫



କିସିନ୍ଦା ନାଳ ମାଧ୍ୟମରେ କମ୍ପାନୀ ବର୍ଜ୍ୟଜଳ ବ୍ରାହ୍ମଣୀ ନଦୀରେ ପ୍ରବେଶ କରୁଛି।

ଢେଙ୍କାନାଳ ଜିଲାର ଜୀବନଧାରା ଭାବେ ପରିଚିତ ଓଡ଼ିଶାର ଦ୍ୱିତୀୟ ବୃହତ୍ତମ ନଦୀ ବ୍ରାହ୍ମଣୀ ବିଷାକ୍ତ ହେବାରେ ଲାଗିଛି। ଏହାର ପାଣିକୁ ପାନୀୟ ଭାବେ ତ ଦୂରର କଥା, ଦୈନନ୍ଦିନ କାର୍ଯ୍ୟରେ ବ୍ୟବହାର କରିବା ମଧ୍ୟ ବିପଜ୍ଜନକ ହୋଇଗଲାଣି। ଶିଳ୍ପ ପ୍ରତିଷ୍ଠାନର ଅପରିଷ୍କାର ଜଳ ସିଧାସଳଖ ନଦୀରେ ମିଶୁଥିବାବେଳେ କମ୍ପାନୀ ଉପରେ ଲଗାମ କଷିବାକୁ ପ୍ରଶାସନ ଏବଂ ସରକାର ଆଖି ବୁଜିଦେଇଥିବା ଅଭିଯୋଗ ହେଉଛି। ଦିନକୁ ଦିନ ସମସ୍ୟା ସଙ୍ଗିନ ହେଉଥିବାବେଳେ ଆଗାମୀ ଭବିଷ୍ୟତରେ ଜିଲାବାସୀଙ୍କୁ ଏହାର ବହୁମୂଲ୍ୟ ଦେବାକୁ ପଡ଼ିବ ବୋଲି ପରିବେଶବିତ୍‌ମାନେ ସତର୍କ କରାଇଛନ୍ତି।

ଝାଡ଼ଖଣ୍ଡ ରାଜ୍ୟ ଛୋଟନାଗପୁର ମାଳଭୂମିରୁ ବାହାରିଥିବା ଶଙ୍ଖ ଏବଂ କୋଏଲ ନଦୀ ସୁନ୍ଦରଗଡ଼ ଜିଲା ବେଦବ୍ୟାସଠାରେ ମିଶି ବ୍ରାହ୍ମଣୀ ନଦୀର ପରିଚୟ ପାଇଛି। ସୁନ୍ଦରଗଡ଼, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, ଯାଜପୁର, କେନ୍ଦ୍ରାପଡ଼ା ଜିଲାର ବହୁ ଲକ୍ଷ ହେକ୍ଟର ଜମିକୁ ସୁନାବ୍ୟା କରିବାରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଛି। କେବଳ ଏତିକି ନୁହେଁ, ବହୁ ଶିଳ୍ପାନୁଷ୍ଠାନକୁ ସମୃଦ୍ଧ କରିବା ସହ ପାନୀୟ ଜଳର ପ୍ରମୁଖ ଉତ୍ସ ପାଲଟିଛି। ତେବେ ନଦୀ ଜଳର ସୁରକ୍ଷା ଲାଗି ଆବଶ୍ୟକ ପଦକ୍ଷେପ ନିଆଯାଉ ନ ଥିବାରୁ ଏହା ମାତ୍ରାଧିକ ପ୍ରଦୂଷିତ ହୋଇଗଲାଣି। ଓଡ଼ିଶା ଭୂଖଣ୍ଡରେ ପ୍ରବାହିତ ୫୪୧ କିଲୋମିଟର ଦୀର୍ଘ ଏହି ନଦୀର ପ୍ରାୟ ୮୦ କି.ମି. ଢେଙ୍କାନାଳ ଜିଲାରେ ରହିଥିବାରୁ ଏହାକୁ ନେଇ ଚିନ୍ତା ବଢ଼ିବାରେ ଲାଗିଛି।

ଢେଙ୍କାନାଳ ଜିଲାକୁ ଦୁଇଭାଗରେ ବିଭକ୍ତ କରିଛନ୍ତି ବ୍ରାହ୍ମଣୀ। ନଦୀର ଗୋଟିଏ ପାର୍ଶ୍ୱରେ ଓଡ଼ାପଡ଼ା, ହିନ୍ଦୋଳ, ସଦର, ଗଁଦିଆ ଏବଂ ଅପରପାର୍ଶ୍ୱରେ ରହିଛି ପରଜଙ୍ଗ, କାମାକ୍ଷାନଗର, କଙ୍କଡ଼ାହାଡ଼ ଓ ଭୁବନ ବ୍ଲକ। ଅନୁଗୋଳ ଜିଲାର ସମଲଠାରେ ନଦୀ ଜଳ ସଂରକ୍ଷଣ ଲାଗି ବ୍ୟାରେଜ ନିର୍ମାଣ ହୋଇଛି। ରେଙ୍ଗାଳି ଜଳସେଚନ ପ୍ରକଳ୍ପ ମାଧ୍ୟମରେ ଢେଙ୍କାନାଳ, ଅନୁଗୋଳ, ଯାଜପୁର, କଟକ ଜିଲାର ଚାଷଜମିକୁ ଜଳଯୋଗାଣ ଯୋଜନା କରାଯାଇଛି। ରେଙ୍ଗାଳି ଦକ୍ଷିଣ କେନାଲ ମାଧ୍ୟମରେ ୪ ଜିଲାର ୧ ଲକ୍ଷ ୨୧ହଜାର ୨୦୦ ହେକ୍ଟର ଓ ବାମ କେନାଲରେ ୧ ଲକ୍ଷ ୧୪ହଜାର ୩୦୦ ହେକ୍ଟର ଚାଷଜମିକୁ ଜଳସେଚନ ଯୋଗାଇବା ଲକ୍ଷ୍ୟ ରହିଛି। ତେବେ ପ୍ରଶାସନିକ ଅପାରଗତା, ପ୍ରଦୂଷଣ ନିୟନ୍ତ୍ରଣ ବିଭାଗର ଅବହେଳା ଏବଂ ଶିଳ୍ପସଂସ୍ଥାଗୁଡ଼ିକର ଦାୟିତ୍ୱହୀନତାରୁ ବ୍ରାହ୍ମଣୀ ଜଳ ପ୍ରଦୂଷିତ ହୋଇପଡ଼ିଛି। ଓଡ଼ାପଡ଼ା ଓ ପରଜଙ୍ଗ ବ୍ଲକରେ ଗଢ଼ି ଉଠିଥିବା ଶିଳ୍ପ ପ୍ରତିଷ୍ଠାନଗୁଡ଼ିକ ବର୍ଜ୍ୟଜଳ ବ୍ରାହ୍ମଣୀ ନଦୀକୁ ଛାଡ଼ି ଦେଉଛନ୍ତି। ଓଡ଼ାପଡ଼ା ବ୍ଲକ ଖଡଗପ୍ରସାଦ ନିକଟ କିସିନ୍ଦା ନାଳ, ଅନୁଗୋଳ ଜିଲାର ନନ୍ଦିରା ନାଳ ଏହି ବର୍ଜ୍ୟ ନିଷ୍କାସନର କାମ କରୁଛି। ଫଳରେ ନଦୀକୂଳରେ ଥାଇ ବିଶୁଦ୍ଧ ଜଳ ପାଇବାରୁ ବଞ୍ଚିତ ହେଉଛନ୍ତି ଅନେକ ଗ୍ରାମର ବାସିନ୍ଦା। ଗ୍ରୀଷ୍ମପ୍ରବାହ ସମୟରେ ଚୁଆ ମାଧ୍ୟମରେ ସେମାନେ ଯେଉଁପାଣି ସଂଗ୍ରହ କରୁଛନ୍ତି, ତାହା ମଧ୍ୟ ସ୍ୱାସ୍ଥ୍ୟ ଉପଯୋଗୀ ହୋଇପାରୁନାହିଁ। କେବଳ ଏତିକି ନୁହେଁ, ନଦୀ ପ୍ରଦୂଷଣର ପ୍ରଭାବ ମତ୍ସ୍ୟ ଉତ୍ପାଦନ ଉପରେ ପଡ଼ିଛି। ଶତାଧିକ ମତ୍ସ୍ୟଜୀବୀ ଜୀବିକା ହରାଇଛନ୍ତି। ସଦର ବ୍ଲକର ବଣସିଂହ, ରାଧାଦେଇପୁର, କାମାକ୍ଷାନଗର ବ୍ଲକର ରାଙ୍କିଆ, ବୁଢ଼ୀବିଲି ନଦୀ ପଠା ମଧୁର ଜଳ କଇଁଛଙ୍କ ସୁରକ୍ଷିତ ଆଶ୍ରୟସ୍ଥଳ ପାଲଟିଥିବା ସେମାନଙ୍କ ଜୀବନ ମଧ୍ୟ ବିପଦରେ ପଡ଼ିଛି। ବ୍ରାହ୍ମଣୀ ନଦୀର ସୁରକ୍ଷା ପାଇଁ ବିଗତ ଦିନରେ ବିଭିନ୍ନ ସଙ୍ଗଠନ ସ୍ୱର ଉତ୍ତୋଳନ କରିଛନ୍ତି। 'ବ୍ରାହ୍ମଣୀ ବଞ୍ଚାଅ' ନାରାଦେଇ ସ୍ଥିତିର ଗମ୍ଭୀରତା ବିଷୟରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ତଥାପି ନଦୀ ସୁରକ୍ଷା ନେଇ ଯେଉଁଭଳି ତତ୍ପରତା ପ୍ରକାଶ ପାଇବା କଥା, ତାହା ଦେଖିବାକୁ ମିଳୁନାହିଁ। ଢେଙ୍କାନାଳ ଜିଲାରେ ନଦୀ ପ୍ରଦୂଷଣ ମାତ୍ରା ପରଖିବାକୁ କୌଣସି ବ୍ୟବସ୍ଥା ନ ଥିବା ବେଳେ ଏହାକୁ ନେଇ ଉଦ୍‌ବେଗ ବ୍ୟକ୍ତ କରିଛନ୍ତି ପରିବେଶବିତ୍।

### ସ୍ୱତନ୍ତ୍ର ଯୋଜନା ଜରୁରୀ

"ବ୍ରାହ୍ମଣୀର ସୁରକ୍ଷା ପ୍ରତି କାହାରି ଆନ୍ତରିକତା ନାହିଁ। ନଦୀ ଜଳ ପ୍ରଦୂଷଣ ସାଂଘାତିକ ସ୍ତରରେ ପହଞ୍ଚିଛି। ଏହାର ପାଣିରେ ଗାଧୋଇଲେ ଚର୍ମରୋଗ ବ୍ୟାପୁଛି। ପାନୀୟ ଭାବେ ବ୍ୟବହାର କଲେ କିଡ୍‌ନୀ ରୋଗ ହେବା ଆଶଙ୍କା ରହିଛି। ସରକାର ଏବଂ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ଏହାର ପ୍ରତିକାର ଲାଗି ସ୍ୱତନ୍ତ୍ର ଯୋଜନା କରିବା ଜରୁରୀ।

-ପ୍ରଦ୍ୟୁମ୍ନ ରଥ, ପରିବେଶବିତ୍

### କଇଁଛଙ୍କ ପାଇଁ କାଳ

"ଢେଙ୍କାନାଳ ଜିଲାର ବ୍ରାହ୍ମଣୀ ନଦୀପଠାରେ ପ୍ରତିବର୍ଷ ବହୁସଂଖ୍ୟାରେ ମଧୁର ଜଳ କଇଁଛ ଅଣ୍ଡା ଦେଉଛନ୍ତି। ଶିଳ୍ପସଂସ୍ଥା ଦ୍ୱାରା ନଦୀଜଳ ପ୍ରଦୂଷିତ ହେବା କଇଁଛଙ୍କ ପାଇଁ କାଳ ସାଜିଛି। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏ ଦିଗରେ ଅନୁଧ୍ୟାନ କରିବା ସହ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ।

-ରାଜେନ୍ଦ୍ର ପାଣିଗ୍ରାହୀ, ବନ୍ୟପ୍ରାଣୀ ବିଶେଷଜ୍ଞ

# ମାଣ୍ଡିଆ ଉତ୍ପାଦନ ବୃଦ୍ଧି ଲକ୍ଷ୍ୟ

ଭୁବନ, ୧୧।୫(ଡି.ଏନ.ଏ.)

ଢେଙ୍କାନାଳ ଜିଲା ଭୁବନ ବ୍ଲକ ଓଡ଼ିଶ ପଞ୍ଚାୟତ ମାଲୁଆଗୋଡ଼ା ଗ୍ରାମରେ ମିଶନ ଶକ୍ତି ପକ୍ଷରୁ କ୍ଷେତ୍ର ଦିବସ ପାଳିତ ହୋଇଯାଇଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଶେୟାର' ଏବଂ କୃଷି ବିଭାଗର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ରାଜ୍ୟ ସରକାର ମିଲେଟ୍ ମିଶନ ମାଧ୍ୟମରେ ମାଣ୍ଡିଆ ଚାଷ ପାଇଁ ପ୍ରୋତ୍ସାହନ ଦେଉଛନ୍ତି। ଚାଷୀ ମଧ୍ୟ ଏହାକୁ ନେଇ ଆଗ୍ରହ ଦେଖାଉଛନ୍ତି। ଭୁବନ ବ୍ଲକରେ ପ୍ରାୟ ୪୫ ହେକ୍ଟର ଜମିରେ ମାଣ୍ଡିଆ ଚାଷ କରାଯାଉଛି। ଆଗାମୀ ଦିନରେ ଏହାକୁ ବୃଦ୍ଧି କରି ଉତ୍ପାଦନ ବଢ଼ାଇବା ପାଇଁ କୃଷି ବିଭାଗ ପକ୍ଷରୁ ଲକ୍ଷ୍ୟ ରଖାଯାଇଛି। ଭୁବନ କୃଷି ଅଧିକାରୀ ଭାଗ୍ୟଧର ସାହୁ ଉପସ୍ଥିତ ରହି ମାଣ୍ଡିଆ ଚାଷ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ମାଣ୍ଡିଆ ଚାଷ, ଉତ୍ପାଦନ ଏବଂ ସଂରକ୍ଷଣ କୌଶଳ ପ୍ରଦର୍ଶନ କରାଯାଇଥିଲା। ଅଞ୍ଚଳର ବହୁ ଚାଷୀ ଯୋଗଦେଇ ପ୍ରଶିକ୍ଷଣ ନେଇଥିଲେ।



ମାଣ୍ଡିଆ ଉତ୍ପାଦକ କୌଶଳ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଉଛି।

# ସିସିଟିଭି ନଜରରେ ରହିବ ସହର

ଢେଙ୍କାନାଳ ଅଫିସ,୧୧।୫




ଆପରାଧିକ କାର୍ଯ୍ୟକଳାପ ରୋକିବା ଏବଂ ଟ୍ରାଫିକ୍ ନିୟନ୍ତ୍ରଣ ଲାଗି ଢେଙ୍କାନାଳ ସହରରେ ଅତ୍ୟାଧୁନିକ ସିସିଟିଭି ଖଞ୍ଜାଯିବ। ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର ଏ ନେଇ ଏକ ଯୋଜନା ପ୍ରସ୍ତୁତ କରିଛନ୍ତି।

ଢେଙ୍କାନାଳ ପୌରାଞ୍ଚଳରେ ଅମାନିଆ ଗାଡ଼ିଚାଳକ ନିଜ ପ୍ରକୃତି ବଦଳାଉନାହାନ୍ତି। ଆପରାଧିକ କାର୍ଯ୍ୟକଳାପରେ ଲିପ୍ତ ଗୋଷ୍ଠୀ ବିଭିନ୍ନ ସମୟରେ ଅପରାଧ ଘଟାଇ ଫେରାର ହୋଇଯାଉଛନ୍ତି। ଏ ନେଇ ଜନଅସନ୍ତୋଷ ତୀବ୍ର ହେଉଥିବାବେଳେ ପୋଲିସ ପ୍ରଶାସନ ପକ୍ଷରୁ ଏହାକୁ ରୋକିବା ଲାଗି ତତ୍ପରତା ପ୍ରକାଶ ପାଇଛି। ତଦନୁଯାୟୀ ପ୍ରମୁଖ ଜନଗହଳିପୂର୍ଣ୍ଣ ଅଞ୍ଚଳ ସମେତ କଲେଜ ବାଇପାସ୍ ଛକ, ମହିଷାପାଟ ଛକ, କଣ୍ଟାନାଳୀ ଛକ, ଜିଲା ମୁଖ୍ୟ ଚିକିତ୍ସାଳୟ ନିକଟବର୍ତ୍ତୀ ଆମ୍ବେଡକର ରୋଡ ଛକ, କୋରିଆଁ ବାଇପାସ୍ ଛକ ୨୪ ଘଣ୍ଟିଆ ସିସିଟିଭି ସ୍କାନରରେ ରହିବ। ଏହା ମାଧ୍ୟମରେ ଟ୍ରାଫିକ୍ ନିୟମ ଭଙ୍ଗକାରୀ ଏବଂ ଅପରାଧୀଙ୍କ ଉପରେ ନଜର ରଖାଯିବ। ସମ୍ପୃକ୍ତ ଅଞ୍ଚଳର ବ୍ୟବସାୟିକ ପ୍ରତିଷ୍ଠାନ, ହୋଟେଲ୍, ପେଟ୍ରୋଲ୍ ପମ୍ପରେ ଗୋଟିଏ ଲେଖାଏ ସିସିଟିଭି ପଏଣ୍ଟ ରାସ୍ତା ସମ୍ମୁଖକୁ ମୁହଁ କରି ଲଗାଇବା ପାଇଁ ଏସ୍‌ପି ନିବେଦନ କରିଛନ୍ତି। ଜନସାଧାରଣଙ୍କ ସହଯୋଗରେ ସହର ଟ୍ରାଫିକ୍ ବ୍ୟବସ୍ଥା ପରିଚାଳନା କରିବା ଲାଗି ନିକଟରେ ଏସ୍‌ପିଙ୍କ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଚାମ୍ବର୍ ଅଫ୍ କମର୍ସର ସଭାପତି ରାଜେନ୍ଦ୍ର ଦାସ, କର୍ମକର୍ତ୍ତା କୃଷ୍ଣଚନ୍ଦ୍ର ଦେବତା, ମହେଶ ଅଗ୍ରୱାଲ, ବିମଳ ପୋଦ୍ଦାର, ଗୋବିନ୍ଦ ସେନାପତି, ବସ୍ ମାଲିକ ସଂଘର ସହସମ୍ପାଦକ ରୁଦ୍ରନାରାୟଣ ତ୍ରିପାଠୀ, ଗଣେଶ ବଜାର ପୂଜା କମିଟି ସମ୍ପାଦକ ବିଶ୍ୱନାଥ ବେହେରା, ଓକିଲ ସଂଘ ସଭାପତି ତଥା ମିଳିତ ବଜାର ଲକ୍ଷ୍ମୀପୂଜା କମିଟି ସଭାପତି ଗୋପାଳ ଚନ୍ଦ୍ର ପାତ୍ର, ଜିଲା ସକ୍ରିୟ ନାଗରିକ ପରିଷଦର ସଭାପତି ଶିକ୍ଷାବିତ୍ ପ୍ରଦ୍ୟୁମ୍ନ ରଥ, ଟାଉନ୍ ଥାନା ଇନ୍ସପେକ୍ଟର ରାଜେନ୍ଦ୍ର କୁମାର ମହାପାତ୍ର, ସଦର ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ଏସ୍‌ପି ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ବିଧାୟକ ସୁଧୀର କୁମାର ସାମଲଙ୍କ ସହଯୋଗ ଲୋଡ଼ିଛନ୍ତି।

# ପରମାଣୁ ଉପରେ ଆଲୋଚନା




ଆଲୋଚନାଚକ୍ରରେ ଅତିଥିବୃନ୍ଦ।

ଭୁବନ, ୧୧।୫(ଡି.ଏନ୍.ଏ.)

ଓଡ଼ିଶା ବିଜ୍ଞାନ ମଣ୍ଡଳ ଢେଙ୍କାନାଳ ଶାଖା ଆନୁକୂଲ୍ୟରେ ଗୁରୁବାର ଭୁବନ ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଜାତୀୟ ପ୍ରଯୁକ୍ତି ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ଓଡ଼ିଶା ବିଜ୍ଞାନ ମଣ୍ଡଳ ଶାଖା ସମ୍ପାଦକ ଅଧ୍ୟାପକ ଶୁଭମ୍ ବେହେରାଙ୍କ ସଂଯୋଜନାରେ ଆୟୋଜିତ ସେମିନାରରେ ବାଜି ରାଉତ ସ୍ମୃତି କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଡ. କିଶୋର ଚନ୍ଦ୍ର ଦାଶ ଯୋଗଦେଇ ପରମାଣୁ ଉଦ୍ଭାବନର ଇତିହାସ, ଭାରତର ପରମାଣୁ ବୋମା ପରୀକ୍ଷଣ ଏବଂ ଏ କ୍ଷେତ୍ରରେ ବିଶ୍ୱକୁ ଭାରତର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ।

ଆଇଆଇଟି ରୁର୍‌କୀର ପୂର୍ବତନ ଛାତ୍ର ଡ. ସତ୍ୟ ତାପସ ଆଲୋଚନାରେ ଭାଗନେଇ 'ପରମାଣୁ ଗବେଷଣା ଓ ଭାରତ' ଶୀର୍ଷକ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। କାମାକ୍ଷାନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଗୌର ଚନ୍ଦ୍ର ନନ୍ଦ ଓଡ଼ିଶା ବିଜ୍ଞାନ ମଣ୍ଡଳ ଗଠନର ଆବଶ୍ୟକତା ଉପରେ ବକ୍ତବ୍ୟ ରଖିଥିଲେ। କଲେଜ ଅଧ୍ୟକ୍ଷ ଦିଲୀପ କୁମାର ଦାସ କହିଲେ, କୌଶଳ ଏବଂ ପ୍ରଯୁକ୍ତିର ମିଳନ ଦେଶକୁ ବିକାଶଶୀଳ କରିବାରେ ସହାୟକ ହେବ। ଆଲୋଚନାଚକ୍ରରେ ଶିକ୍ଷାନୁଷ୍ଠାନର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଏବଂ ବିଭାଗୀୟ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଓଡ଼ିଶା ବିଜ୍ଞାନ ମଣ୍ଡଳ ଶାଖାର ସଂଯୋଜକ ପଦନ ଚରଣ ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ।

# ପ୍ଲାଣ୍ଟ ଧୂଳିଧୂଆଁରେ ଅଣନିଃଶ୍ୱାସୀ

ପରଜଙ୍ଗ, ୧୧।୫(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ପାଟରପଦା ପଞ୍ଚାୟତ ବଡ଼କମର–ଖଡଗପ୍ରସାଦକୁ ସଂଯୋଗ ନିମନ୍ତେ ବ୍ରାହ୍ମଣୀ ନଦୀ ଉପରେ ହାଇଲେଭଲ ସେତୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଏହାର କାମ ନେଇଛି ବେକମ୍ ଇନ୍‌ଫ୍ରା ପ୍ରୋଜେକ୍ଟ ପ୍ରାଇଭେଟ ଲିମିଟେଡ୍। ଠିକାସଂସ୍ଥା ପକ୍ଷରୁ ବଡ଼କମର ଗ୍ରାମ ନିକଟରେ ଅସ୍ଥାୟୀ ଶିବିର କରାଯାଇଛି। ସେଠାରେ ବାଲି, ସିମେଣ୍ଟ, ଚିପ୍ସ ମିଶ୍ରଣ ପାଇଁ ଏକ ବ୍ଲିଚିଂ ପ୍ଲାଣ୍ଟ ସ୍ଥାପନ କରାଯାଇଛି। ହେଲେ ଏହି ପ୍ଲାଣ୍ଟ କାରଣରୁ ୧୦୦ ମିଟର ଦୂରରେ ଥିବା ଜନବସତିର ଲୋକେ ଧୂଳିଧୂଆଁରେ ଅଣନିଃଶ୍ୱାସୀ ହେଉଥିବା ଅଭିଯୋଗ ହୋଇଛି।

ଅଭିଯୋଗ ଅନୁଯାୟୀ, ଉକ୍ତ ବ୍ଲିଚିଂ ପ୍ଲାଣ୍ଟରେ କଂକ୍ରିଟ୍ ମିଶ୍ରଣ ବେଳେ ଧୂଳି ଉଡ଼ି ଜଳଉତ୍ସରେ ପଡ଼ି ଆସ୍ତରଣ ସୃଷ୍ଟି କରୁଛି। ପାଖରେ ବସବାସ କରୁଥିବା ପରିବାର ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ଗତ ମାର୍ଚ୍ଚ ୨୪ରେ ବଡ଼କମର ଗ୍ରାମର ପବିତ୍ରମୋହନ ଆଏଚ୍ ଜିଲାପାଳଙ୍କୁ ଲିଖିତ ଭାବେ ଅବଗତ କରାଇଥିଲେ। ହେଲେ ଏଯାଏ କୌଣସି ପଦକ୍ଷେପ ନିଆଯାଇନାହିଁ। ପ୍ରଦୂଷଣ ରୋକିବା ଦିଗରେ ଜିଲା ପ୍ରଶାସନ ଦୃଷ୍ଟି ନ ଦେଲେ ଠିକାସଂସ୍ଥାର ଅସ୍ଥାୟୀ ଶିବିର ଆଗରେ ଧାରଣା ଦେବାକୁ ପବିତ୍ରମୋହନ ଚେତାବନୀ ଦେଇଛନ୍ତି।

ଅଭିଯୋଗ ସମ୍ପର୍କରେ ଠିକାସଂସ୍ଥାର ପ୍ରକଳ୍ପ ଅଧିକାରୀ ସୁକାନ୍ତ ଶେଖର ଜେନାଙ୍କ ପ୍ରତିକ୍ରିୟା ଲୋଡ଼ିବାରେ ସେ କହିଛନ୍ତି, ତାଙ୍କ ନିକଟକୁ ଏ ନେଇ କୌଣସି ଅଭିଯୋଗ ଆସିନାହିଁ। ଗ୍ରାମବାସୀଙ୍କ ସହ କଥାହୋଇ ସମସ୍ୟା ସମାଧାନ ଦିଗରେ ଗୁରୁତ୍ୱ ଦିଆଯିବ।



ଅଭିଯୋଗକାରୀ ପବିତ୍ର ମୋହନ ଆଏଚ୍ ସମସ୍ୟା ସମାଧାନ ଦାବି କରୁଛନ୍ତି।

# ନିର୍ଦ୍ଦେଶ ମାନୁନାହାନ୍ତି ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷ

■ନିର୍ମାଣାଧୀନ ରାଜପଥରେ ଲାଗୁନି ସାଇନେଜ୍
■ଦୁର୍ଘଟଣାଜନିତ ମୃତ୍ୟୁ ବୃଦ୍ଧିକୁ ନେଇ ଉଦ୍‌ବେଗ

ଢେଙ୍କାନାଳ ଅଫିସ, ୧୧।୫



ବୈଠକରେ ଜିଲାପାଳଙ୍କ ସମେତ ବିଭିନ୍ନ ବିଭାଗର ପଦସ୍ଥ ଅଧିକାରୀ।

ଉଚ୍ଚସ୍ତରୀୟ ବୈଠକରେ ବାରମ୍ବାର ନିର୍ଦ୍ଦେଶ ସତ୍ତ୍ୱେ ଢେଙ୍କାନାଳ ଜିଲାର ବ୍ୟସ୍ତବହୁଳ ୫୫ନଂ. ଜାତୀୟ ରାଜପଥରେ ଯାତ୍ରୀଙ୍କ ସୁରକ୍ଷା ବ୍ୟବସ୍ଥାକୁ ଅଣଦେଖା କରି ଚାଲିଛନ୍ତି ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ)। ଫଳରେ ଦୁର୍ଘଟଣାଜନିତ ମୃତ୍ୟୁ ବଢୁଛି। ଏହାକୁ ନେଇ ଗୁରୁବାର ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ଅନୁଷ୍ଠିତ ଜିଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକରେ ଜିଲାପାଳ ସରୋଜ କୁମାର ସେଠୀ ଉଦ୍‌ବେଗ ପ୍ରକାଶ କରିଛନ୍ତି।

୫୫ନଂ. ଜାତୀୟ ରାଜପଥ ସମ୍ପ୍ରସାରଣରେ ଅହେତୁକ ବିଳମ୍ବକୁ ନେଇ ଜିଲାବାସୀ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଖାଲଖମାରେ ଭର୍ତ୍ତି ହୋଇଥିବା ସଡ଼କରେ ଯାତ୍ରୀଙ୍କ ସୁରକ୍ଷା ଏବଂ ଦୁର୍ଘଟଣା ହ୍ରାସ ଲାଗି ବିଭିନ୍ନ ସ୍ଥାନରେ ସାଇନେଜ୍ ଲଗାଇବା ପାଇଁ ପ୍ରତି ମାସରେ ଅନୁଷ୍ଠିତ ସଡ଼କ ସୁରକ୍ଷା କମିଟି ବୈଠକରେ ଆଲୋଚନା ହେଉଛି। ହେଲେ ଏହା କାର୍ଯ୍ୟକାରୀ ହେଉ ନ ଥିବା ଦେଖିବାକୁ ମିଳିଛି। କଟକ ଜିଲା ମଙ୍ଗୁଳିଠାରୁ ଢେଙ୍କାନାଳ ଜିଲା ବଳଦିଆବନ୍ଧ ଦେଇ କଣ୍ଟାବଣିଆ ମଧ୍ୟରେ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଥିବାବେଳେ କୌଣସି ଗୋଟିଏ ସ୍ଥାନରେ ସାଇନେଜ୍ ଲାଗିନାହିଁ। ଫଳରେ ରାତିରେ ଚଳାଚଳ କରୁଥିବା ଯାନବାହନ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। କେଉଁଠି ବାମ ପଟକୁ ତ ଅନ୍ୟ କେଉଁଠି ଡାହାଣ ପାର୍ଶ୍ୱକୁ ରାସ୍ତା ଡାଇଭର୍ସନ ହୋଇଛି। ହେଲେ ସାଇନେଜ୍ ଲାଗି ନ ଥିବାରୁ ଗାଡ଼ି ଚାଳକମାନେ ଜାଣି ନ ପାରି ଦୁର୍ଘଟଣାର ଶିକାର ହେଉଛନ୍ତି। ତେଣୁ ଏନ୍‌ଏଚ୍ ପାର୍ଶ୍ୱରେ ଥିବା ଶିକ୍ଷାନୁଷ୍ଠାନର ସଂଲଗ୍ନ ରାସ୍ତା, ଦୁର୍ଘଟଣାପ୍ରବଣ ସ୍ଥାନରେ ତୁରନ୍ତ ସାଇନେଜ୍ ଲଗାଇବା, ନିୟମିତ ଜଗୁଆଳ ବ୍ୟବସ୍ଥା କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ମଦ୍ୟପ ଗାଡ଼ିଚାଳକଙ୍କୁ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ, ଦ୍ରୁତ ଗାଡ଼ିଚାଳନା ରୋକିବା, ଛାତ୍ରୀଛାତ୍ରଙ୍କ ଅଭିଭାବକଙ୍କୁ ସଚେତନ କରାଇବା, ସଭାସମିତି କରି ଜନସାଧାରଣଙ୍କୁ ଏ ବାବଦରେ ସତର୍କ କରାଇବାକୁ ଜିଲାପାଳ ଗୁରୁତ୍ୱାରୋପ କରିଛନ୍ତି।

ଜିଲାବାସୀଙ୍କ ସୁବିଧା ଦୃଷ୍ଟିରୁ ସମସ୍ତ ପଞ୍ଚାୟତରୁ ବ୍ଲକ ଏବଂ ବ୍ଲକରୁ ଜିଲା ସଦରକୁ ବସ୍ ଚଳାଚଳ ହେବ ବୋଲି ବୈଠକରେ ସୂଚନା ଦିଆଯାଇଛି। ଜାତୀୟ ରାଜପଥରେ ଗାଡ଼ି ଯାଞ୍ଚ କଡ଼ାକଡ଼ି କରାଯିବ, ନାବାଳକ ଗାଡ଼ିଚାଳକଙ୍କ ଅଭିଭାବକଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଣୟ କୁମାର ମିଶ୍ର ସୂଚନା ଦେଇଛନ୍ତି। ପ୍ରମୁଖ ନିର୍ମାଣ ଯନ୍ତ୍ରୀ ଅଶୋକ କୁମାର ଗିରି ଜାତୀୟ ରାଜପଥକୁ ସଂଯୋଗ କରୁଥିବା ରାସ୍ତା ନିର୍ମାଣ, ସତର୍କତାମୂଳକ ବୋର୍ଡ ଓ ସାଇନେଜ୍ ଲଗାଇବା ସମ୍ପର୍କରେ ଅବଗତ କରାଇଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ (ସାଧାରଣ) ରମେଶ ଚନ୍ଦ୍ର ସେଠୀ, ଢେଙ୍କାନାଳ ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ, ହିନ୍ଦୋଳ ଉପଜିଲାପାଳ ଶିବାନନ୍ଦ ସ୍ୱାଇଁ, କାମାକ୍ଷାନଗର ଉପଜିଲାପାଳ ଜ୍ୟୋତିଶଙ୍କର ସାହୁଙ୍କ ସମେତ ଏନ୍‌ଏଚ୍‌ଏଆଇର ପଦସ୍ଥ ଅଧିକାରୀ, ସଡ଼କ ସୁରକ୍ଷା କମିଟି ସଦସ୍ୟ, ବସ୍ ମାଲିକ ସଂଘ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

